# Akashvani, Sambalpur

## SAMBALPURI NEWS EVENING BULLETIN

## 3 April 2026-7.02- 7.12 pm.

---

୧- ସ୍ୱଜନଗଣନା ପ୍ରକ୍ରିୟାଥି ତଥ୍ୟ ପ୍ରଦାନ୍ କଲେ ମୁଖ୍ୟମନ୍ତ୍ରୀ ।

- ଜନଗଣନା କାମ୍‌ଥି ସହଯୋଗ୍ କର୍‌ବାର୍‌କେ ଦେଲେ ଆହ୍ୱାନ୍ ।

୨- ରାଏଜେ ଆଏବା କାଏଲ୍ ସବୁ ପ୍ରାଥମିକ ବିଦ୍ୟାଲୟ ନ ପାଲନ୍ କରାଯିବା ଖଡ଼ିଛୁଆଁ ଆଉ ପ୍ରବେଶ୍ ଉତ୍ସବ୍ ।

୩- ଛତିଶ୍‌ଗଡ୍ ନ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ମହୋତ୍ସବ ଆଏଜ୍ ହେଉଛେ ଉଦ୍‌ଯାପିତ ।

- ୨୦ ଟା ସ୍ୱର୍ଣ୍ଣପଦକ୍ ପାଇକରି ୨ ନମ୍ବର୍ ଠାନ୍‌ଥି ଓଡ଼ିଶା ।

ଆଉର୍

୪- କାଲ୍‌ବୈଶାଖୀ ପ୍ରଭାବ୍‌ଥି ୧୨ ଟା ଜିଲ୍ଲା ନ ବିଜ୍‌ଲି ମାରିକରି ହେଇପାରେ ବର୍ଷା- ପାଣିପାଗ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

ଜନଗଣନା            ଆର୍ଏନ୍ୟୁ/ କଟକ୍/ ଦେବ୍ଗଡ଼୍

ଜାତୀୟ ଜନଗଣନା ମୁଲ୍ ହେଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ତାଙ୍କର୍ ସର୍କାରୀ ବାସଭବନ୍ଥି ସ୍ୱଗଣନା କରିଛନ୍ । ସ୍ୱଜନଗଣନା ପୋର୍ଟାଲ୍ ଜରିଏ ଲୋକ୍ମାନେ ନିଜର୍ ତଥ୍ୟ ନିଜେ ଦେଇକରି ଜନଗଣନା କାମ୍ଥି ସହଯୋଗ୍ କର୍ବାର୍କେ ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ ।

ରାଏଜେ ଜନଗଣନା -୨୦୨୭ କାର୍ଯ୍ୟକ୍ରମ୍କେ ଠିକ୍ ଭାବେ ସମ୍ପାଦନ୍ କର୍ବାର୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ବହୁତ୍ଟେ ପଦକ୍ଷେପ୍ ନିଆଯାଇଛେ । ସର୍କାର୍ଙ୍କର୍ ତର୍ଫୁ ଜନଗଣନା କାମ୍ଥି ଲାଗିଥିବା କର୍ମଚାରୀମାନ୍କୁ ଅଲ୍ଗା ଜାଗାକେ ବଦ୍ଲି ନାଇଁ କର୍ବାର୍କେ ସବୁ ବିଭାଗ୍କେ ନିର୍ଦ୍ଦେଶ୍ ଦିଆଯାଇଛେ । ଜନଗଣନା ପ୍ରକ୍ରିୟା ୨ ଟା ଖେପେ ଡିଜିଟାଲ୍ ଜରିଏ ଶେଷ୍ ହେବା । ପହେଲା ଖେପେ ସ୍ୱଜନଗଣନା ଆଏବା ୧୫ ତାରିଖ୍ତକ୍ ଚାଲ୍ବା । ଇତାର୍ ଉତ୍ରୁ ଗୃହ ତାଲିକା ଆଉ ଆବାସ ଜନଗଣନା ୧୬ ତାରିଖ୍ନୁ ମୁଲ୍ ହେଇକରି ମେ ୧୫ ତାରିଖ୍ତକ୍ ଚାଲ୍ବା । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଡିଜିଟାଲ୍ ସ୍ୱଗଣନା ମୁଲ୍ ହେଇଛେ ।

ଦେବ୍ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ବାର୍କୋଟ୍, ରିଆମାଲ୍ ଆଉ

ତିଲେଇବଣି ବ୍ଲକ୍ ନ ଡିଜିଟାଲ୍ ସ୍ୱଗଣନା ପ୍ରକ୍ରିୟା ମୁଲ୍

ହେଇଯାଇଛେ । ଜନଗଣନା ଅଧିକାରୀମାନେ ଘର୍‌କେ ଘର୍ ଯାଇକରି ମୋବାଇଲ୍ ଆପ୍ ଜରିଏ ତଥ୍ୟ ଠୁଲାବାର୍ ଆଉ ସବୁ ତଥ୍ୟ ଠିକ୍ ଭାବେ ଗ୍ରହଣ୍ କରୁଛନ୍ ।

ଖଡ଼ିଛୁଆଁ, ପ୍ରବେଶ୍ ଉତ୍ସବ୍ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ଆଏବା କାଏଲ୍ ସବୁ ପ୍ରାଥମିକ ବିଦ୍ୟାଳୟ ମାନ୍‌କେ ଖଡ଼ିଛୁଆଁ ଆଉ ପ୍ରବେଶ୍ ଉତ୍ସବ୍ ପାଲନ୍ କରାଯିବା । ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ସର୍‌କାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନ ହେବାର୍‌କେ ଥିବା ଖଡ଼ିଛୁଆଁ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ ବଲି ସୂଚ୍‌ନା ମିଲିଛେ ।

ଆମ ପୋଷାକ-ଆମ ପରିଚୟ' ଦିବସ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାର୍ ସାଂସ୍କୃତିକ ଐତିହ୍ୟକେ ପ୍ରଚାର୍ ଆଉ ପସାର୍ କର୍‌ବାର୍ ଲାଗି ଚଲ୍‌ତି ମାସ ପହେଲା ନୁ ମୁଲ୍ ହେଇଥିବା ଓଡ଼ିଆ ପକ୍ଷର୍ ୩ ନମ୍ବର୍ ଦିନେ ଆଏଜ୍ 'ଆମ ପୋଷାକ-ଆମ ପରିଚୟ' ଦିବସ୍ ପାଲନ୍ କରାଯାଉଛେ । ରାଜ୍ୟର୍ ହସ୍ତତନ୍ତ ପୋଷାକ୍‌ର ପ୍ରଦର୍ଶନ୍ ସହେତେ ସାଧାରଣ ନାଗରିକ ଆଉ ସର୍‌କାରୀ ଅଫିସ୍ କର୍ମଚାରୀମାନ୍‌କୁ ହସ୍ତତନ୍ତ ପୋଷାକ ପିନ୍ଧ୍‌ବାର୍‌କେ ଉତ୍ସାହିତ କରାଯାଉଛେ । ହସ୍ତତନ୍ତ ଆଉ ହସ୍ତଶିଳ୍ପ ବିଭାଗ୍ ତର୍‌ଫୁ ପରିଚାଲିତ୍ ବୟନିକା, ଉତ୍କଳିକା, ଅମ୍ଲାନ ଆଉ ସମ୍ବଲ୍‌ପୁରୀ ବସ୍ତ୍ରାଲୟର୍ ସବୁ ଶାଖା ନ ହସ୍ତତନ୍ତ ବସ୍ତ୍ର ଘିନ୍‌ବାର୍ ଉପ୍‌ରେ ସ୍ୱତନ୍ତ୍ର ରିହାତି ଦିଆଯାଉଛେ ।

ଜନବିଶ୍ୱାସ ସଂଶୋଧନ୍ ବିଲ          ଆର୍‌ଏନ୍‌ୟୁ/ କଟକ୍

ଜନବିଶ୍ୱାସ ସଂଶୋଧନ୍ ବିଲ୍‌ଥି ଅନାଯାଇଥିବା ସଂସ୍କାର୍ ଆଉ ଆଇନ୍ ମାନ୍‌କର୍ ସରଳୀକରଣ୍ ଜନସାଧାରଣ୍‌ତୟବ୍ୱହଉମନ୍ ଭିତ୍‌ରେ ସୁଶାସନ୍ ପ୍ରତି ଗଭୀର ଆସ୍ଥା ସୃଷ୍ଟି କର୍‌ବାର୍‌ଥି ସାହାଜ୍ କର୍‌ବା ବଲି କେନ୍ଦ୍ର ବାଣିଜ୍ୟ ଆଉ ଶିଳ୍ପ ମନ୍ତ୍ରୀ ପିୟୁସ୍

ଗୋୟଲ୍ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ଗୋୟଲ୍ କହିଛନ୍, ଇ ବିଲ୍‌ର ଉଦ୍ଦେଶ୍ ହେଉଛେ ବିଶ୍ୱାସ ଆଧାରିତ ଶାସନ୍ ବ୍ୟବସ୍ଥାକେ ବର୍‌କସ୍ କରିକରି ଜୀବନ୍ ଧାରଣ ଆଉ ବ୍ୟବସାୟକେ ସହଜ୍ କର୍‌ବା, ଯେନ୍‌ଥିର୍‌ଲାଗି ସାଧାରଣ୍ ଲୁକେ ଲାଭ୍ ପାଇପାର୍‌ବେ । ପହେଲାଥର୍ ଲାଗି ୭୯ ଟା ନିୟମ୍ ଅଧୀନ୍‌ଥି ଥିବା ୧ ହଜାର୍‌ଟା ବ୍ୟବସ୍ଥାକେ ବଦ୍‌ଲାଯାଇକରି ସେଟାମାନ୍‌କୁ ଜନବିଶ୍ୱାସ ବିଲ୍‌ଥି ଅପରାଧମୁକ୍ତ କରାଯାଇଛେ । ୨୦୪୭ ବିକଶିତ୍ ଭାରତ୍ ଯାତ୍ରାଥି ଇ ପରିବର୍ତ୍ତନ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଁଟ ବଲି ଶ୍ରୀ ଗୋୟଲ୍ କହିଛନ୍ ।

ଏନ୍‌ସିଇଆର୍‌ଟି ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଶିକ୍ଷା ଗବେଷଣା ଆଉ ତାଲିମ୍ ପରିଷଦ୍ - ଏନ୍‌ସିଇଆର୍‌ଟିକେ ୟୁଜିସିର ପରାମର୍ଶଥି ଗୁଟେ ସ୍ୱତନ୍ତ୍ର ବର୍ଗ ଅଧୀନ୍‌ଥି ଡିମ୍‌ଡ୍ ବା ବିଶ୍ୱବିଦ୍ୟାଳୟର୍ ମାଏନ୍‌ତା ମିଳିଛେ । ୟୁଜିସି ଆଇନ୍ ୧୯୫୬ ର ଧାରା ୩ ଅଧୀନ୍‌ଥି ୬

ଟା ଭିନ୍ ଭିନ୍ ଜାଗାର୍ ଏନ୍‌ସିଇଆରଇଟିକେ ଇ ମାଏନ୍‌ତା ମିଲିଛେ । ଇ ଶିକ୍ଷାନୁଷ୍ଠାନ୍‌କେ ସ୍ୱତନ୍ତ୍ର ବର୍ଗ ଅଧୀନ୍‌ଥି ବିଶ୍ୱବିଦ୍ୟାଲୟ ମାଏନ୍‌ତା ଦେବାର୍ ଲାଗି ୟୁଜିସି ପୋର୍ଟାଲ୍‌ଥି ଆବେଦନ୍ କରାଯାଇଥିଲା । ୟୁଜିସି ବିଶେଷଜ୍ଞ କମିଟିର୍ ସୁପାରିଶ୍‌କେ କମିଶନ୍ ତର୍‌ଫୁ ବିଚାର୍ ଉତ୍‌ରୁ ଅନୁମୋଦନ୍ କରାଯାଇଛେ । ମନ୍ତ୍ରଣାଲୟ ଏନ୍‌ସିଇଆର୍‌ଟିକେ ଗବେଷଣା ସହେତେ ଡକ୍ଟରେଟ୍ ଆଉ ନବସୃଜନଶୀଳ ଶିକ୍ଷାଗତ କାର୍ଯ୍ୟକ୍ରମ୍ ମୁଲ୍ କର୍‌ବାର୍ ଲାଗି ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଇଛେ ।

## ଗୁଡ୍ ଫ୍ରାଇଡେ ଆର୍‌ଏନ୍‌ୟୁ/ କଟକ୍/ ସୁବର୍ଣ୍ଣପୁର୍/ ବୌଦ୍ଧ

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ବଳିଦାନ୍‌କେ ସୁର୍‌ତାର କରିକରି ପୁର୍‌ଥିର୍ ସବୁଆଡ଼େ ଆଏଜ୍ ଶୁଭ ଶୁକ୍ରବାର୍- ଗୁଡ୍ ଫ୍ରାଇଡେ ପାଲନ୍ କରାଯାଉଛେ । ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର୍ ଭାଏବହେନ୍ ମାନେ ଉସତ୍, ଉସ୍‌ନାକିଥି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ଧାର୍ମିକ ଚିନ୍ତାଧାରା ଆଉ ପବିତ୍ର ବାର୍ତାକେ ସମାଜ୍‌ଥି ପ୍ରସାରିତ୍ କର୍‌ବାର୍

ଲାଗି ଆଝିର୍ ଦିନେ ଆଗ୍‌କେ ଆଏସନ୍ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର୍ ବାର୍ତା ସମାଜ୍‌ଥି ଲୁକ୍‌କୁ ଦୁଖ୍‌ନୁ ମୁକ୍ତି ଦେବାର୍‌ଥି ସମର୍ପିତ ଥିଲା । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଗୁଡ୍ ଫ୍ରାଇଡ଼େ ଅବ୍‌ସରେ ପ୍ରଭୁ ଯୀଶୁଙ୍କର୍ ବଳିଦାନ୍‌କେ ସୁର୍‌ତା କରିଛନ୍ । ତାଙ୍କର୍ ଜୀବନ୍ ଆଉ ଶିକ୍ଷା ସମ୍‌କୁ ବିନମ୍ରତା, ନିସ୍ୱାର୍ଥପରତା ଆଉ ଧାର୍ମିକ ପଥ୍‌ଥି ଚାଲ୍‌ବାର୍‌ଥି ପ୍ରେରିତ କର୍‌ସି । ଯୀଶୁଙ୍କର୍ ଦୟାକେ ପ୍ରଚାର୍ କର୍‌ବାର୍ ଆଉ ସମାଜ୍‌ଥି ସମ୍ମେଳନ୍‌କେ ବଢ଼ାବାର୍ ଲାଗି ସଂକଳ୍ପକେ ବର୍‌କସ୍ କର୍‌ବାର୍‌କେ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇକରି କହିଛନ୍, ଆଝିର୍ ଦିନ୍ କରୁଣା ଆଉ କ୍ଷମାର ମୂଲ୍ୟବୋଧକେ ଦର୍ଶାସି । ଭାଇଚାରା ଆଉ ଆଦର୍ଶ ସମ୍‌କୁ ବାଟ୍ ଦେଖଉ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗୁଡ୍ ଫ୍ରାଇଡ଼େ ଅବ୍‌ସରେ ପ୍ରଭୁ ଯୀଶୁଙ୍କର୍ ପ୍ରଦର୍ଶିତ ପ୍ରେମ, କରୁଣା ଆଉ ତ୍ୟାଗର ରାସ୍ତାଥି ବଢ଼୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଶୁଭ ଶୁକ୍ରବାର୍‌ର ବାର୍ତାକେ ପାଳନ୍ କରିକରି ଗୁଟେ ଆଦର୍ଶ ସମାଜ୍ ଗଠନ୍ ଦିଗେ କାମ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏଜ୍ ବହୁତ୍‌ଟେ ଜାଗା ନ ଗୁଡ୍ ଫ୍ରାଇଡ଼େ ପାଳନ୍ କରାଯାଉଛେ । ଜିଲ୍ଲା ସଦର୍ ମହକୁମା

ସଦ୍‌ଭାବନା ଗୃହ ନ ଆଏଜ୍ ଖ୍ରୀଷ୍ଟଧର୍ମାବଲମ୍ବୀଙ୍କର୍ ତର୍‌ଫୁ ସମୂହ ପ୍ରାର୍ଥନା ସହେତେ ବାଇବେଲ୍ ପାଠ କରାଯାଇଛେ । ଉଲୁଣ୍ଡା, ତର୍‌ଭା ବାଗିର୍ ଇଲାକା ନ ରହୁଥିବା ଖ୍ରୀଷ୍ଟଧର୍ମାବଲମ୍ବୀମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ପୁର୍‌ଥି ନ ଶାନ୍ତି, ସଦ୍‌ଭାବନା ଆଉ ଜନସମୁଦାୟର ମଙ୍ଗଲ୍ ଲାଗି ସମୂହ ପ୍ରାର୍ଥନା କରିଛନ୍ ।

ବୌଦ୍ଧ ଜିଲ୍ଲା ନ ଗୁଡ୍ ଫ୍ରାଇଡ଼େ ପାଲିତ୍ ହେଇଯାଇଛେ । ବୌଦ୍ଧ ସହର୍ ସହେତେ ଅଲ୍‌ଗା ଜାଗା ନ ଥିବା ଚର୍ଚ୍ଚ ମାନ୍‌କେ ଖ୍ରୀଷ୍ଟଧର୍ମାବଲମ୍ବୀ ମାନ୍‌କର୍ ତର୍‌ଫୁ ସମୂହ ପ୍ରାର୍ଥନା ସହେତେ ବାଇବେଲ୍ ପାଠ କରାଯାଇଛେ ।

ଶିବାଜୀ ମହାରାଜ୍- ଶ୍ରାଦ୍ଧବାର୍ଷିକୀ ଆର୍‌ଏନ୍‌ୟୁ/ କଟକ୍

ମହାନ୍ ଜନନାୟକ ସମ୍ରାଟ ଛତ୍ରପତି ଶିବାଜୀ ମହାରାଜ୍‌ଙ୍କର୍ ଶ୍ରାଦ୍ଧବାର୍ଷିକୀଥି ଆଏଜ୍ ଦେଶ୍‌ବାସୀ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ତାଙ୍କର୍ ଅଦମ୍ୟ ସାହସ ଅତୁଳନୀୟ ବୀରତ୍ୱ ଆଉ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର୍ ବଳେ ଭାରତୀୟ ଇତିହାସ୍‌ଥି ଗୁଟେ ନୂଆଁ ଅଧ୍ୟାୟ ସୃଷ୍ଟି ହେଇଥିଲା । ଶିବାଜୀ ମହାରାଜ୍ ଖାଲି ଝନେ

ଶାସକ୍ ନାଇଁଥିଲେ । ଝନେ ସଂସ୍କାରକ୍ ଆଉ ହିନ୍ଦ୍ଭି ସ୍ୱରାଜ୍‌ର ସ୍ୱପ୍ନଦ୍ରଷ୍ଟା ଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଛତ୍ରପତି ଶିଓ୍ୱାଜୀଙ୍କୁ ଶ୍ରାଦ୍ଧବାର୍ଷିକୀଥି ସୁର୍‌ତା କରିକରି କହିଛନ୍, ତାଙ୍କର୍ ବୀରତ୍ୱର ଜ୍ୱାଲା, ସାହସ୍‌ର ଦୃଷ୍ଟାନ୍ତ ଆଉ ସ୍ୱାଭିମାନ୍‌ର ପରିଚୟ ଆଏଜ୍ ଭିଲ୍ ଅମର୍ ରହିଛେ । ମା ଭାରତୀଙ୍କର୍ ବୀର ସୁପୁତ୍ରଙ୍କର୍ ପରାକ୍ରମ ଆଉ ତ୍ୟାଗ ଯୁଗେ ଯୁଗେ ରାଷ୍ଟ୍ରକେ ପ୍ରେରିତ କରୁଥିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ମହାରାଜ୍ ଶିଓ୍ୱାଜୀଙ୍କର୍ ଅତୁଳନୀୟ ଶୌର୍ଯ୍ୟ, ବୀରତ୍ୱ ଆଉ ସାମାଜିକ ସମର ସତାର ଆଦର୍ଶ ଗୁଟେ ସଶକ୍ତ ଆଉ ନୂଆଁ ଭାରତ୍ ଗଠନ୍ ଲାଗି ସମ୍‌କୁ ପ୍ରେରଣା ଦଉଛେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ମରାଠା ସାମ୍ରାଜ୍ୟର୍ ପ୍ରତିଷ୍ଠାତା ଛତ୍ରପତି ଶିଓ୍ୱାଜୀଙ୍କର୍ ପୁଣ୍ୟତିଥି ଥି ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, କଠିନ୍ ପରିସ୍ଥିତି ଭିତ୍‌ରେ ଭିଲ୍ ସ୍ୱାଭିମାନ୍ ଆଉ ସାଂସ୍କୃତିକ ଅସ୍ମିତାକେ ରକ୍ଷା କରିକରି ସେ ଗୁଟେ ସଶକ୍ତ ଆଉ ଜନମୁଖୀ ଶାସନ୍‌ର ଥାପ୍‌ନା କରିଥିଲେ । ରାଷ୍ଟ୍ରହିତ ଲାଗି ତାଙ୍କର୍ ସମର୍ପଣ୍ ଦେଶ୍‌ବାସୀଙ୍କୁ ସବୁବେଲେ ପ୍ରେରିତ କର୍‌ବା ।

ଶ୍ରୀକ୍ଷେତ୍ର ପୁରୀ-ସାହିଜାତ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଚାଲିଥିବା ସାହିଜାତ ଥି ଆଏଜ୍ ଲଙ୍କାପୋଡି ନୀତି ହେବା । ପରମ୍ପରା ଅନ୍‌ସାରେ ଦୋଳମଣ୍ଡପ ସାହି ତର୍‌ଫୁ ଇ ନୀତି କରାଯିବାର୍‌କେ ଥିବାର୍ ବେଲେ ଜଗନ୍ନାଥବଲ୍ଲଭ ମଠ ପରିସର୍ ନ ଖାସ୍ ନୀତି କରାଯିବା । ଦୋଳମଣ୍ଡପ ସାହି ତର୍‌ଫୁ ରାବଣମେଢ଼ ବାହାରିକରି ଏଛେନ୍ ଶ୍ରୀକ୍ଷେତ୍ରର୍ ଭିନ୍ ଭିନ୍ ସାହି ପରିକ୍ରମା କରୁଛେ । ପରିକ୍ରମା ସର୍‌ବାର୍ ଉତ୍‌ରୁ ଡେରି ରାତି ନ ଲଙ୍କାପୋଡ଼ି ନୀତି ଶେଷ୍ ହେବା । ଇନ ଜନେଇ ଦିଆଯାଇପାରେ ଯେ, ଗଲା ରାମ୍‌ନଅମୀ ଦିନୁ ସାହିଜାତ ମୁଲ୍ ହେଇଥିବାର୍ ବେଲେ ରାମ ଅଭିଷେକ୍ ତିଥିତକ୍ ଚାଲ୍‌ବା ।

ଜିଲ୍ଲାପାଲ୍- ପେଟ୍ରୋଲିୟମ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଏଲ୍‌ପିଜି ଗେସ୍ ଆଉ ପେଟ୍ରୋଲିୟମ୍ ଦରବ୍‌ର ଠିକ୍ ଭାବେ ଯୋଗାଣ ଆଉ ବଂଟନ୍ ଲାଗି ଆଏଜ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ମୁଖ୍ୟାଲୟ ସଭାକକ୍ଷ ନ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ଏଲ୍‌ପିଜି ଗେସ୍‌ର କଳାବଜାରୀ ଆଉ ଅଲ୍‌ଗା ଅନିୟମିତତାକେ ରୁକ୍‌ବାର୍ ଉପ୍‌ରେ ଜିଲ୍ଲାପାଲ୍ ଜୋର୍ ଦେଇଛନ୍ । ଇଥିର୍‌ଲାଗି ନିୟମିତ ନିରୀକ୍ଷଣ୍ ଆଉ ଚଢ଼ଉ କାର୍ଯ୍ୟକ୍ରମ୍‌କେ ତୁର୍‌ତି କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଛନ୍ । ଲୁକ୍‌କର୍ ଭିତ୍‌ରେ ଗେସ୍ ଅଭାବ୍‌ର ଡର୍ ସୃଷ୍ଟି ନାଇଁ ହେବାର୍ ଲାଗି ସଚେତନତା ଜାରି ରଖ୍‌ବାର୍ ଉପ୍‌ରେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ । ଘରୋଇ ସିଲିଣ୍ଡର୍‌ର ଅବୈଧ ବେଭାର୍ ରୁକ୍‌ବାର୍‌କେ ହୋଟେଲ୍ ଆଉ ଢାବା ମାନ୍‌କର୍ ଉପ୍‌ରେ ଚଢ଼ଉ ଜୋର୍‌ଦାର୍ କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ମାରାଗୁଡ଼ା ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ମହୋତ୍ସବ୍ ପ୍ରାଚୀନ୍ ସଭ୍ୟତାର୍ ସାହିତ୍ୟ, ସଂସ୍କୃତି ଆଉ ପରମ୍ପରାକେ ଉଜ୍ଜିବିତ କର୍‌ବାର୍ ଗୁଟେ ଚେରେଷ୍ଟା ବଲି

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ କହିଛନ୍ । ମାରାଗୁଡ଼ା ମହୋତ୍ସବ୍‌ର ୨ ନମ୍ବର୍ ବୌଦ୍ଧିକ ଚର୍ଚ୍ଚାଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାପାଲ୍ ଉଦ୍ଦେଶ୍ୟ ପୁରା ହେବାର୍‌ତକ୍ ନୂଆପଡ଼ା ମାଟି ନ ସୁଯୋଗ୍ୟ ଦାୟାଦ୍ ମାନେ ଗୁଟେ ମନ ଗୁଟେ ପ୍ରାଣଥି ମହୋତ୍ସବ୍ ପାଲନ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ମହୋତ୍ସବ   ଆର୍‌ଏନ୍‌ୟୁ/ କଟକ୍

ଛତିଶ୍‌ଗଡ୍‌ର ରାୟପୁର୍ ନ ଚାଲିଥିବା ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ମହୋତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ଉଦ୍‌ଯାପନୀ ସମାରୋହକେ ଛତିଶ୍‌ଗଡ୍ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ପଦକ୍ ତାଲିକାଥି କର୍ଣ୍ଣାଟକ୍ ୨୩ ଟା ସ୍ୱର୍ଣ୍ଣ ହାସଲ୍ କରିକରି ପହେଲା ଠାନେ ଥିବାର୍ ବେଲେ ଓଡ଼ିଶା ୨୦ ଟା ପଦକ୍ ପାଇକରି ୨ ନମ୍ବର୍ ଆଉ ଝାର୍‌ଖଣ୍ଡ ୧୨ ଟା ସ୍ୱର୍ଣ୍ଣପଦକ୍ ପାଇକରି ୩ ନମ୍ବର୍ ଠାନେ ରହିଛେ । ଗଲା ମାର୍ଚ୍ଚ ୨୫ ତାରିଖ୍

ଦିନ ମୁଲ୍ ହେଇଥିବା ଇ ପ୍ରତିଯୋଗିତାଥି ୩୦ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ର ୩ ହଜାର୍‌ନୁ ଅଏତ୍‌କା ଖେଲାଲି ଭାଗ୍ ନେଇଛନ୍ । ତୀରନ୍ଦାଜ୍, ଦୌଡ଼କୁଦ, ଫୁଟ୍‌ବଲ୍, ହକି, ସନ୍ତରଣ, ଭାରୋତଲନ୍ ଆଉ କୁସ୍ତି ବାଗିର୍ ୭ ଟା ବର୍ଗଥି ଖେଲ୍ ହେଇଥିଲା ।

ପୂର୍ବତଟ ରେଲ୍‌ବାଇ-କ୍ରିକେଟ୍ ପ୍ରତିଯୋଗିତା/ଆର୍‌ଏନ୍‌ୟୁ/ କଟକ୍

ପୂର୍ବତଟ ରେଲ୍‌ବାଇ କ୍ରୀଡ଼ା ସଂଘ, ଖୋର୍ଦ୍ଧା ରୋଡ୍ ତର୍‌ଫୁ ଆୟୋଜିତ ଆନ୍ତଃବିଭାଗୀୟ ଦିନରାତି କ୍ରିକେଟ୍ ପ୍ରତିଯୋଗିତା ରେଲ୍‌ବାଇ ଷ୍ଟାଡ଼ିୟମ୍ ନ ଉଦ୍‌ଘାଟିତ୍ ହେଇଛେ । ଆଏବା ୧୭ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ଖୋର୍ଦ୍ଧା ରୋଡ୍ ରେଲ୍‌ମଣ୍ଡଲ୍ ର ୧୨ ଟା ବିଭାଗ୍ ସାମିଲ୍ ହେଇଛନ୍ । ଟୁର୍ଣ୍ଣାମେଂଟ୍‌କେ ଉଦ୍‌ଘାଟନ୍ କରିକରି ଖୋର୍ଦ୍ଧା ରୋଡ୍ ରେଲ୍‌ପ୍ରବନ୍ଧକ ଡି. ସୁନୀଲ୍ ସାମିଲ୍ ହେଇଥିବା ଦଲ୍‌ମାନ୍‌କେ ଶୁଭେଚ୍ଛା ଜନେଇଛନ୍ । ଉଦ୍‌ଘାଟନୀ ମେଚ୍‌ଥି ରେଲ୍ ସୁରକ୍ଷା ବଳ ଦଲ୍ ୧୪ ରନ୍‌ଥି ଅପରେସନ୍ ବିଭାଗ୍ ଦଲ୍‌କେ

ହରେଇଥିଲା । ଇ ଅବ୍‌ସରେ କ୍ରୀଡ଼ା କାର୍ଯ୍ୟକଳାପର ଡିଜିଟାଲ୍ ପ୍ରଚାର୍ ଆଉ ରେଲ୍ କର୍ମଚାରୀମାନ୍‌କର୍ ଭିତ୍‌ରେ ସଂଯୋଗ୍‌କେ ସଶକ୍ତ କର୍‌ବାର୍ ଲକ୍ଷ୍ୟଥି ଗୁଟେ ୱେବ୍‌ସାଇଟ୍ ଉଦ୍‌ଘାଟିତ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଧୁକାଗର୍ଡ଼୍ ଆଉ ବର୍ଷା ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବଲାଙ୍ଗିର୍, କଲାହାଣ୍ଡି, ନୂଆପଡ଼ା ସହେତେ ରାଜ୍ୟର୍ ୧୨ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼୍ ଆଉ ବର୍ଷା ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ରାଜ୍ୟର୍ ବାଲେଶ୍ୱର୍, ଭଦ୍ରକ୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍ ନ ଜବର୍ ତାତିକେ ନେଇକରି ପାଣିପାଗ କେନ୍ଦ୍ର ତର୍‌ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।